Click Here & Upgrade
Expanded Features
Unlimited Pages
PDF Complete Documents

ତେଣୁ ସମନ୍ୱୟ ଓ ସଂଯୋଗ ହିଁ ଜୀବନରେ 'ଚରୈବତି' ମନ୍ତ୍ରର ଆବାହନ ସୃଷ୍ଟି କରେ । ସଂହତିର ଅଭାବରେ ଆଜି ରାଷ୍ଟ୍ର ସମାଜ ଦ୍ୱିଧାଗ୍ରସ୍ତ, ବିଭକ୍ତ । ଦୁଷ୍ଟ ଦାନବ ମହିଷାସୁରର ନିଧନ ପାଇଁ ସମସ୍ତ ଦେବଶକ୍ତିର ପୁଞ୍ଜିଭୂତ ସ୍ୱରୂପ ହେଉଛନ୍ତି ମା' ଦୁର୍ଗା । ଏହି ସମନ୍ୱୟର ସ୍ୱର ଶକ୍ତି ଉପାସନାରେ ପ୍ରତ୍ୟକ୍ଷ ଭାବରେ ଉପଲବ୍ଧ ହୋଇଯାଏ । କୁହାଯାଇଛି 'କଳୌ ସଂଘ' ଅର୍ଥାତ୍ କଳିଯୁଗରେ ସଂଘ (ସମ୍ମିଳିତ) ଶକ୍ତି ସବୁଠାରୁ ଫଳପ୍ରସୂ ।

ଆଜି ଶକ୍ତି ଉପାସନାର ଏହି ପ୍ରୀତି ପାର୍ବଣ ଲଗ୍ନରେ ଅସଂହତି ଅସମନ୍ୱୟର ଚଣ୍ଡମୁଣ୍ଡକୁ ପରାହତ କରିବା ଯଥାର୍ଥ ଶକ୍ତି ଉପାସନର ସ୍ୱରୂପ ହେବ । ସମାଜରେ ମୌଳବାଦୀ ଧର୍ମ ଧାରଣାର ଅସଯତ୍ନ ଆଧିପତ୍ୟ ମଣିଷକୁ ଅଧିକ କୁସଂସ୍କାର ଗ୍ରସ୍ତ କରୁଛି ।

ନାରୀ ସଶକ୍ତିକରଣ ନାମରେ ନାରୀର ସ୍ୱର୍ଦ୍ଧାଜନିତ ସ୍ୱକୀୟ ଅହଙ୍କାର ପରିବାର ଓ ସମାଜ ଭିତରେ ମତାନୈକ ସୃଷ୍ଟି କରୁଛି । ଗୁଣାତ୍ମକ ଓ ଋଣାତ୍ମକ ସୂତ୍ରର ସଂଯୋଗରେ ସୃଷ୍ଟି ହୁଏ ଏକ ସମୃଦ୍ଧ ସଂସ୍କୃତି । ତେବେ ନିଜ ଅହଂକାରର ଦସ୍ତାବିଜ ଲେଖିଲା ବେଳେ ଜଣେ ସଚେତନ ହେବା ଉଚିତ ଯେ ସେ ଯେଭଳି ଅନ୍ୟଜଣଙ୍କର ସ୍ୱାଭିମାନର ସଂଜ ସଳିତାଟିକୁ ଲିଭାଇ ନଦିଏ ।

ତେଣୁ ଆଜିର ମଣିଷ ସମନ୍ୱୟ ଓ ସହନଶୀଳତାର ଯଜ୍ଞବେଦୀରେ ମୈତ୍ରୀ ଦେବ ଶ୍ରୀଜଗନ୍ନାଥ ଓ ଶକ୍ତିସ୍ୱରୂପା ମହାମାୟାଙ୍କୁ ନିଜକୁ ଭଲ ପାଇବା ସହିତ ଅନ୍ୟକୁ ଭଲ ପାଇବାର ପୁଷ୍ପାଞ୍ଜଳି ଦେବା ଉଚିତ ଏଇ ମୁହୂର୍ତ୍ତରୁ । ବୋଧହୁଏ ଏହା ହିଁ ଜନ୍ମ ଦେବ ଏକ ସମୃଦ୍ଧ, ସଂସ୍କୃତ ସମାଜକୁ ଯାହା ବର୍ତ୍ତମାନର ଏକାନ୍ତ ଆବଶ୍ୟକତା ।

ଶ୍ରୀସିଦ୍ଧ ତପୋବନ
ଟିକରପଡ଼ା ସାହି
ଶ୍ରୀକ୍ଷେତ୍ର-୨

ଶୁଭଦାୟିନୀ ମା'

ଡଃ ସୁଜାତା ଆଚାର୍ଯ୍ୟ

ଚାତକ ପରାଏ ଅନାଇ ବସିଛୁ
ତୁମ ଆଗମନ ପାଇଁ
ଅବତରି ଆସ ଏ ଧରାଧାମକୁ
ଅଭିମାନ କର ନାହିଁ ।
ଦିନୁ ଦିନ ପାପ ବଢୁଛି ଜଗତେ
ଶାଖା ମେଲଇ ଅନୀତି
ହିତାହିତ ଜ୍ଞାନ ଭୁଲୁଛି ମଣିଷ
ସୁଖ ପଛେ ଧାଏଁ ନୀତି ।
ମାଆ ଆଗେ ପିଲା କରିଥାଏ ଦୋଷ
ଥରେ ନୁହେଁ, ବାରବାର
ସୁଧାରି ଦିଅ ମା' ଅଧମକୁ ବାରେ
ଅପରାଧ କ୍ଷମା କର ।

ଦିଅ ମା' ଆଶିଷ ଭକତିର ଭାବ
ତୁମ ନାମ ଜପୁଥିବୁ
ସେ ନାମ ଅମୃତ ପାନ କରି ଆମେ
ସଂସାରରୁ ତରିଯିବୁ ।
ବରଷକେ ଥରେ ଆସ ଗୋ ଏମିତି
ଦରଶନ ମିଳୁଥାଉ
ଘଣ୍ଟ ଘୋଡ଼ାଇ ରଖ ଗୋ ସର୍ବିଙ୍କୁ
ତୁମ ଇଚ୍ଛା ପୂର୍ଣ୍ଣ ହେଉ ।

ପ୍ରାଧାପିକା
ଆଭିଲା କଲେଜ ଅଫ୍ ଏଜୁକେସନ୍
କୋଚିନ୍-୬, କେରଳ